# ତହସିଲ କାର୍ଯ୍ୟାଳୟ ସବଡେଗା

ସଂଖ୍ୟା. ୫୧୫ , ତାରିଖ. ୧୦.୦୮.୨୦୨୧

## ଲଘୁ ଖଣିଜ ସକାଶେ ଲିଜ ଇସ୍ତିହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ସବଡେଗା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଗୁଡିକୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ସବଡେଗାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ **Odisha Minor Mineral Concession Rules-2016 ର Form-M** ପୁରଣ କରି **ଏହାର ତିନି କପି** ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି **Sealed Cover** ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **ତା: ୧୪.୦୯.୨୦୨୧ ରିଖ ଅପରାହ୍ନ ୦୧.୩୦ ଟା ସୁଦ୍ଧା ତହସିଲ ଅଫିସ ରେ ଥିବା Drop Box ରେ ପକାଯିବ** । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । Tender Box **ତା. ୧୪.୦୯.୨୦୨୧**ରିଖ ଅପରାହ୍ନ ୨.୩୦ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଲିଜ ଚୁଡାନ୍ତ କରାଯିବ ଏବଂ ଅସଂପୁର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖରେ ଲିଜ ହୋଇ ନ ପାରିଲେ ଦ୍ୱିତୀୟ ଥର ପାଇଁ **ତା. ୧୬.୦୯.୨୦୨୧ ରିଖ** ଓ ତୃତୀୟ ଥର ପାଇଁ **ତା. ୧୭.୦୯.୨୦୨୧ ରିଖରେ** କରାଯିବ ।

## ଆବଶ୍ୟକୀୟ ଦଲିଲ

(1) ପୂରଣ କରାଯାଇଥିବା Form-M ( ତିନି କପି/ three copies)

(2) ଦରଖାସ୍ତ ଫିସ ସକାଶେ ଟ. ୧୦୦୦/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ଯାହାକି "0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties-" head ରେ ଜମା କରାଯାଇ ଥିବ । (In Original).

(3) କୌଣସି ମାଇନିଙ୍ଗ ବାବଦକୁ ବକେୟା ଦେୟ ନଥିବା ତଥା ସେ Mines & Minerals ( Development & Regulation) Act, 1957 ଅନ୍ତର୍ଗୁତ କୌଣସି ମୋକଦ୍ଦମା ରେ ଦୋଷୀ ସାବ୍ୟସ୍ତ ହୋଇ ନଥିବା ନେଇ ଏକ ସତ୍ୟପାଠ । (In Original)

**(4) ଆବେଦନକାରୀଙ୍କ Solvency Certificate (କେବଳ Revenue Authority ଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବ ତଥା ଚଳିତ ଆର୍ଥିକ ବର୍ଷର ହୋଇଥିବ) / Bank guarantee (ଯାହାକି ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବ) ଯାହାର ମୁଲ୍ୟ ଏକ ବର୍ଷର ( ଡକାଯାଇ ଥିବା Additional Charge + Royalty ) ମୁଲ୍ୟରୁ କମ ହୋଇ ନଥିବ । । ଏଥି ସହିତ କେବଳ Revenue Authority ଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ସ୍ଥାବର ସମ୍ପତ୍ତି ର ଏକ ବିବରଣୀ ମଧ୍ୟ ସଂଲଗ୍ନ କରିବେ ।(all in Original)**

**(5) Earnest Money ପାଇଁ ଡିମାଣ୍ଡ ଡ୍ରାଫ୍ଟ ଯାହାର ମୁଲ୍ୟ, ଧାର୍ଯ୍ୟ କରାଯାଇ ଥିବା ସରକାରୀ ଅତିରିକ୍ତ ଚାର୍ଜ (Additional Charge) ଏବଂ Royalty (ଏକ ବର୍ଷ) ର ୫% ଠାରୁ କମ ହୋଇ ନଥିବ । { 5% of Amount of additional charge & Royalty (1 Year) } । (In Original) ଯାହକି "Tahasildar Subdega" ଙ୍କ ନାମେ ତିଆରି ହୋଇଥିବ ତଥା "Payable at SBI Subdega ହୋଇଥିବ ।**

(6) ଉପରୋକ୍ତ ଦଲିଲ ମଧ୍ୟରୁ ଜଦି କୌଣସିଟିରେ ତ୍ରୁଟି ତଥା ଦାଖଲ ନ କରିଥିବା ପରିଲକ୍ଷିତ / ଦୃଷ୍ଟିଗୋଚର ହୁଏ, ତାହେଲେ ସେହି ଦରଖାସ୍ତ କୁ ତୁରନ୍ତ ରଦ୍ଦ କରିଦିଆ ଯିବ ।

## ସର୍ତ୍ତାବଳୀ

(1) ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ଓ ତନ୍ମଧ୍ୟରେ ୨୦୧୭ ଏବଂ ୨୦୧୮ ମସିହାରେ ହୋଇଥିବା ସଂଶୋଧନ ର ପରିସର ଭୁକ୍ତ ରହିବେ ।

(2) ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସୈରାତ ଚଲାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

(3) ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

(4) ବାଲି ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ (Per Cu.M) ଟ.୩୫/-, ରହିବ ଏବଂ ଏହି ମୂଲ୍ୟରେ ଯଦି ସରକାର ଲିଜ ସମୟ (lease period) ମଧ୍ୟରେ କୌଣସି ପରିବର୍ତ୍ତନ କରନ୍ତି, ତାହା ଦେବାକୁ ବଧ ହେବେ । (Rate of royalty will be synonymous as per Schedule-II of OMMC Rules, 2016 or any changes made therein in future during the lease period by the Govt.).

(5) ସରକାରୀ Additional Charge ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରିଦିଆଯିବ ।

(6) ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ Additional Charge ର ମୂଲ୍ୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

(7) ଲିଜଧାରୀ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଠିକ ହୋଇଥିବା Security ରାଶି Bidding ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ (DD) ଆକାରରେ ଜମା କରିବେ । {as per Rule-27(7) of OMMC Rules, 2016}

(8) ମାଇନିଙ୍ଗ ପ୍ଲାନ (Mining Plan) ଓ ପରିବେଶ ମଞ୍ଜୁରୀ (Environmental Clearance) ହାସଲ କରିବାରେ ଖର୍ଚ୍ଚ ହୋଇଥିବା ସମସ୍ତ ରାଶୀ କୁ ଲିଜଧାରୀ ଏହି କାର୍ଯ୍ୟାଳୟରେ ଜମା କରିବା ସହିତ ଲିଜ ଚୁକ୍ତିନାମା (Lease Deed) କୁ ସୂଚନା ଦିଆଯିବାର ୩ ମାସ ମଧ୍ୟରେ ସମ୍ପାଦନ କରିବେ, ଅନ୍ୟଥା ସୂଚନାଟିକୁ ରଦ୍ଦ କରାଯାଇ Security Deposit ବାଜ୍ୟାପ୍ତି କରାଯିବ ।

(9) Mining Plan ଓ Environmental Clearance ମଞ୍ଜୁରୀ ହେବାପରେ ଲିଜଧାରୀ, ରୟାଲଟି (Royalty) ବା Dead Rent, Surface Rent, Additional Charge, Contribution to the District Mineral Fund (DMF) ଓ Contribution to Environment Management Fund (EMF) ରାଶି ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତିପତ୍ର ( Execution of Lease Deed) ସଂପାଦନ କରିବେ ।

(10) ଜମା Royalty ଓ Additional Charge ର ୨% ଲିଜଧାରୀ ଆୟକର (T.C.S.) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

(11) ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଲିଜ ଅବଧି ଏବଂ ବର୍ଷୱାରୀ ଉଠିବାକୁ ଥିବା ବାଲିର ପରିମାଣ ତଥା ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସଂପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

(12) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରନ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

(13) ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଇସ୍ତିହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ http//:www.sundergarh.nic.in ରେ ମଧ୍ୟ ଦେଖିପାରିବେ ।

(14) ଯଦି ଉକ୍ତ ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ବି.ଦ୍ର:- ଏହି ଲିଜ ପ୍ରକ୍ରିୟା ବିଷୟରେ ଅଧିକ ଜାଣିବା ପାଇଁ ଓଡିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଦେଖି ପାରିବେ ।

**ଜ୍ଞାପକ ସଂଖ୍ୟା. ୪୧୫ ତା. ୧୦.୦୮.୨୦୨୧**

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ବିଶେଷ ପ୍ରସାରଣ ଓ ଅବଗତି ନିମନ୍ତେ ଉନ୍ନୟନ ଅଧିକାରୀ, ସବଡେଗା / ସମସ୍ତ ସରପଞ୍ଚଙ୍କ କାର୍ଯ୍ୟାଳୟ, ସବଡେଗା ପଞ୍ଚାୟତ ସମିତି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକା ଜାରିପାଇଁ ପଠାଗଲା ।

ଏହାର ଏକକିତା ନକଲ ତହସିଲ କର୍ଯ୍ୟାଳୟ ନୋଟିସ ବୋର୍ଡ୍ ଓ ରାଜସ୍ୱ ନିରୀକ୍ଷକ ସବଡେଗା, କିରାଲଗା, ହମିରପୁର ଓ କରମଡିହି ଙ୍କ ଅବଗତି ଓ ନୋଟିସ ବୋର୍ଡରେ ଲଟକା ଜାରିପାଇଁ ପଠାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ, ସୁନ୍ଦରଗଡ / ଉପଜିଲ୍ଲାପାଳ, ସଦର ସୁନ୍ଦରଗଡ ତଥା ସୁନ୍ଦରଗଡ ଜିଲ୍ଲାର ଅନ୍ୟ ସମସ୍ତ ତହସିଲଦାର ଙ୍କ ଅବଗତି ନିମନ୍ତେ ପଠାଇ ଦିଆଗଲା ।

10/08/21

ତହସିଲଦାର, ସବଡେଗା

TAHASILDAR
SUBDEGA

# ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସର ବିବରଣୀ

| କ୍ରମ ସଂଖ୍ୟା | ସୈରାତ ଉତ୍ସର ନାମ | ସୈରାତ ଉତ୍ସର ବିବରଣୀ | | | | | ମୋଟ ଏରିଆ | ପ୍ରତିବର୍ଷ ଉଠାଣ ହେବାକୁ ଥିବା Minimum guaranteed quantity in Cu.M | ସର୍ବନିମ୍ନ Additional charge per Cu.M | Demand Draft ଦ୍ୱାରା ଜମା କରିବାକୁଥିବା EMD ରାଶି | Solvency certificate / Bank guarantee ର ପରିମାଣ |
|---|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ଏରିଆ (ଏକର) | | | | | |
| ୧ | ଭୋଜପୁର ବାଲି ଘାଟ | ଭୋଜପୁର | ୬୯ | ୧/ସ୍ମ | ନଦୀ | ୧୨.୦୦ | ୧୨.୦୦ | ୬୦୪୧୬ | ୫୫/- | ୨୭୧୮୭୨/- | ଯାହାର ମୂଲ୍ୟ ଆବେଦନକାରୀ ଙ୍କ ଦ୍ୱାରା ଡକାଯାଇ ଥିବା Additional Charge ଏବଂ ରୟାଲ୍ଟି (୧ ବର୍ଷ ର) ଠାରୁ କମ୍ ହୋଇନଥିବ । |
| ୨ | ବରପାଲି ବାଲି ଘାଟ | ବରପାଲି | ୬୯ | ୮୭୪/ସ୍ମ | ନଦୀ | ୧୦.୦୦ | ୧୦.୦୦ | ୫୦୦୦ | ୩୦/- | ୧୬୨୫୦/- | |
| ୩ | କୁକୁରିଡ଼ିହି ବାଲି ଘାଟ | କୁକୁରିଡ଼ିହି | ୧୭୨ | ୧/ସ୍ମ | ନଦୀ | ୩.୫୦ | ୩.୫୦ | ୩୦୦୦ | ୩୦/- | ୯୭୫୦/- | |

10/08/21

ତହସିଲଦାର ସବ୍‌ଡେଗା

TAHASILDAR
SUBDEGA